# କଂଗ୍ରେସରୁ ଇସ୍ତଫା ଦେଲେ ଶୁଭେନ୍ଦୁ

ଭଦ୍ରକ,୨।୧(ସନାତନ ରାଉତ)



ଶୁଭେନ୍ଦୁ ରାୟ ମହାପାତ୍ର

ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ତଥା ଭଦ୍ରକର ଯୁବନେତା ଶୁଭେନ୍ଦୁ ରାୟ ମହାପାତ୍ର ଜାତୀୟ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ସେ ତାଙ୍କର ଇସ୍ତଫାପତ୍ର ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ପଠାଇଥିବା ବେଳେ ଏହାର ଏକ କପି ଜିଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନିକଟକୁ ପଠାଇଛନ୍ତି। ଦୀର୍ଘ ୨୫ବର୍ଷ ଧରି ସେ କଂଗ୍ରେସ ଦଳ ପାଇଁ କାର୍ଯ୍ୟ କରିବା ପରେ ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପରିସ୍ଥିତିରେ ସ୍ୱତନ୍ତ୍ର ଭାବେ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି।

# ପୁଣି କଚେରି ବଜାରରୁ ହଟାଗଲା ଉଠାଦୋକାନ

ଭଦ୍ରକ,୨।୧(ସନାତନ ରାଉତ)

ଭଦ୍ରକ ସହରର କଚେରି ବଜାର ଓ ଅପର୍ତ୍ତିବିନ୍ଧା ଛକଠାରୁ ରାଜଘାଟ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରୁ ଉଠାଦୋକାନୀମାନଙ୍କୁ ପ୍ରଶାସନ ହଟାଇଛି। ଶୁକ୍ରବାର ଏହି ବଜାରରେ ପୁନଃ ଉଚ୍ଛେଦ କରାଯାଇଛି। ବର୍ଷେ ତଳେ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଉଠାଦୋକାନୀମାନେ ପୁର୍ନବାର ଅସ୍ଥାୟୀ ଭାବେ ବାଉଁଶ ବାନ୍ଧି ପଲିଥିନ ପକାଇ ଉଠାଦୋକାନ ଚଳାଇଥିଲେ। ୩ଦିନ ତଳେ ଏହି ରାସ୍ତାର ପ୍ରଶସ୍ତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ରାସ୍ତା ନିର୍ମାଣ ପାଇଁ ଉଠାଦୋକାନଗୁଡ଼ିକୁ ପୁନଃ ଉଚ୍ଛେଦ କରାଯାଉଥିବା ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ କହିଛନ୍ତି। ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ କେତେଜଣ ଉଠାଦୋକାନୀ ପୁର୍ନବାର ବସିଥିଲେ। ଏବେ ରାସ୍ତା ନିର୍ମାଣ ନିମନ୍ତେ ଉଚ୍ଛେଦ ଚାଲିଛି ବୋଲି ସେ କହିଛନ୍ତି। ଉଚ୍ଛେଦ ସମୟରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲା।



କଚେରି ବଜାରରେ ଜେସିବି ଦ୍ୱାରା ଉଚ୍ଛେଦ କରାଯାଉଛି।

# ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ସାମଗ୍ରୀ ଜବତ, ୨ ଗିରଫ

ତିହିଡ଼ି,୨।୧(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ମହରମପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟ ସ୍ଥାନରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ପୋଲିସ ଜବତ କରିଛି। ଚୋରିରେ ସମ୍ପୃକ୍ତ ୨ ଯୁବକଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତଦ୍ୱୟ ହେଉଛନ୍ତି ମହରମପୁର ଗ୍ରାମର କାର୍ତ୍ତିକ ଜେନା ଓ ହେମନ୍ତ ବାରିକ। ପ୍ରକାଶ ଯେ, କିଛିଦିନ ପୂର୍ବେ ମହରମପୁର ପଞ୍ଚାୟତ କାର୍ଯ୍ୟାଳୟରୁ କେତେକ ସାମଗ୍ରୀ ଚୋରି ହୋଇଥିଲା। ଏହାବ୍ୟତୀତ ମହରମପୁର ସ୍କୁଲ ଏବଂ ମହିଳା ଗୋଷ୍ଠୀ କାର୍ଯ୍ୟାଳୟରୁ ମଧ୍ୟ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ସରପଞ୍ଚ ତାପସ ବେହେରା ଏନେଇ ଅଭିଯୋଗ କରିବା ପରେ ଗତ ଡିସେମ୍ବର ୨୯ରେ ପୋଲିସ ଏକ ମାମଲା (ନଂ.୪୨୨/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପରେ ପୋଲିସ ସେହି ଚୋରି ଘଟଣାରେ କାର୍ତ୍ତିକ ଓ ହେମନ୍ତ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ସେମାନଙ୍କ ଘରେ ପୋଲିସ ଚଢ଼ାଉ କରି ୨ଟି ପାଣିପମ୍ପ, ୨ ଗ୍ୟାସ୍ ସିଲିଣ୍ଡର, ଇନଭର୍ଟର, ବ୍ୟାଟେରି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ତିହିଡ଼ି ଥାନାରେ ରୁଜୁ ହୋଇଥିବା ଅନ୍ୟ ୨ଟି ମାମଲା (ନଂ.୩୨୭/୨୫ ଓ ୪୨୫/୨୫) ସହ ସେହି ୨ଜଣ ସମ୍ପୃକ୍ତ ଥିବା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କଠାରୁ ସୂଚନା ମିଳିଛି।

# ଥାନାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଥାନାଧିକାରୀ ଦେବରାଜ ଜେନାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଆଗରପଡ଼ା,୨।୧(ସୁଶାନ୍ତ ଦାସ)

ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କର ବାଲେଶ୍ୱର ଜିଲାକୁ ବଦଳି ହୋଇଛି। ଶୁକ୍ରବାର ବିଭିନ୍ନ ରାଜନୈତିକ ଦଳ ଓ ବିଶିଷ୍ଟ ବ୍ୟକ୍ତିମାନେ ଆଗରପଡ଼ା ଥାନାରେ ପହଞ୍ଚି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଥାନାଧିକାରୀ ଜେନା କାର୍ଯ୍ୟ କ୍ଷେତ୍ରରେ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ ସହ ଯୋଡ଼ିହେବା, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସମୟରେ ଆଇନ ବିଷୟରେ ସଚେତନ କରୁଥିଲେ ବୋଲି ସମ୍ବର୍ଦ୍ଧନା ଅବସରରେ କୁହାଯାଇଥିଲା। ନୂତନ ଥାନାଧିକାରୀ ଯୋଗଦେବା ପର୍ଯ୍ୟନ୍ତ ସବ୍‌ଇନ୍ସପେକ୍ଟର ଇଭାରାଣୀ ପରିଡ଼ା ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

# 'ଜନସାଧାରଣ, ପୋଲିସ ମଧ୍ୟରେ ଦୂରତା କମାଇବ କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ'

ବାସୁଦେବପୁର,୨।୧ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁରର କଷିଆ ସାମୁଦ୍ରିକ ଥାନା ନିକଟରେ ଶୁକ୍ରବାର ପୂର୍ବାହ୍ନରେ କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ ପାଳନ ଅବସରରେ କମ୍ୟୁନିଟି ପୋଲିସ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ କହିଥିଲେ, ପୋଲିସ ଓ ଜନସାଧାରଣଙ୍କ ମନରେ ଦୂରତା କମାଇବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ। ଅଞ୍ଚଳବାସୀ ପୋଲିସକୁ ବିଶ୍ୱାସକୁ ନେବା ଓ ପୋଲିସ ଜନସାଧାରଣଙ୍କ ସୁଖଦୁଃଖର ସାଥୀ ହେଲେ ଅପରାଧ କମିବା ସହ ଲୋକେ ଅଧିକ ଉପକୃତ ହେବେ। ବିଶେଷ କରି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଥିବା ଥାନାଗୁଡ଼ିକ ଓ ଏଠାକାର ଅଧିବାସୀ ଏ ଦିଗରେ ଅଧିକ ସଚେତନ ଓ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ସ୍ଥାନୀୟ ସରପଞ୍ଚ ଆଦିତ୍ୟ ଗିରି, ସାମାଜିକ କର୍ମୀ ବନଲତା ଜେନା, ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ମତ୍ସ୍ୟ ଅଧିକାରୀ ଜଗଦୀଶ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।




କମ୍ୟୁନିଟି ପୋଲିସ ସଚେତନତା ସଭାରେ ଉପସ୍ଥିତ ଅତିଥି।

# ଚିଙ୍ଗୁଡ଼ିପୁର ଜଗନ୍ନାଥ ହାଇସ୍କୁଲ ପାଳିବ ସୁବର୍ଣ୍ଣ ଜୟନ୍ତୀ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜୟନ୍ତୀ କମିଟି କର୍ମକର୍ତ୍ତା।

ଭଣ୍ଡାରିପୋଖରୀ,୨।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଚିଙ୍ଗୁଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ରବିବାର ଓ ସୋମବାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ। ଏନେଇ ଯୁବନେତା ସୁରେଶ ସାମଲଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ କମିଟି ପକ୍ଷରୁ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କମିଟି ସଭାପତି ନିର୍ମଳ ଚନ୍ଦ୍ର ସ୍ୱାଇଁ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ସମ୍ପାଦକ ବିନୋଦ ମହାରଣା, ସରପଞ୍ଚ ଅମୂଲ୍ୟ କୁମାର ନାୟକ, ବିଦ୍ୟାଳୟ ପ୍ରତିଷ୍ଠାତା ଅରୁଣୋଦୟ ଖିଲାର, ପ୍ରଭାତ ଖିଲାର, ନିରଞ୍ଜନ ବାରିକ, ମୁକ୍ତିକାନ୍ତ ସାହୁ, ପ୍ରଶାନ୍ତ ଖିଲାର, ପ୍ରଫୁଲ୍ଲ ନାୟକ ପ୍ରମୁଖ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗଦେବେ। ସେହିପରି ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲାପାଳ ଦିଲୀପ ରାଉତରାଏ ପ୍ରମୁଖ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି।

# ନବନିଯୁକ୍ତ ସରକାରୀ ଅଧିବକ୍ତାଙ୍କୁ ସ୍ୱାଗତ

ବାସୁଦେବପୁର,୨।୧(କାଳିପଦ ରାୟ)

ବାସୁଦେବପୁର ଜେଏମ୍‌ଏଫ୍‌ସିଓ ତହସିଲରେ ନବନିଯୁକ୍ତ ୧୦ଜଣ ସରକାରୀ ଓକିଲଙ୍କୁ ବାସୁଦେବପୁର ବାର୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଆସୋସିଏଶନର ସମ୍ପାଦକ କୃପାସିନ୍ଧୁ ଜେନା ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରସିକ୍ୟୁଶନ ଓ ଡିଫେନ୍ସ ଆଇନଜୀବୀଙ୍କ ଦାୟିତ୍ୱବୋଧ ବିଷୟରେ ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ଦାସ କହିଥିଲେ। ନବନିଯୁକ୍ତ ଅଧିବକ୍ତା ପ୍ରଦୀପ କୁମାର ମହାନ୍ତି, ନିରଦ କୁମାର ଦାସ, ନାରାୟଣ ଚନ୍ଦ୍ର ନାୟକ, ଲକ୍ଷ୍ମୀବ୍ରତ ମଲ୍ଲିକ, ଉତ୍କଳ କେଶରୀ ନାୟକ, ସନ୍ତୋଷ କୁମାର ନାୟକ, ମାନସ ନାୟକ, ଭାରତ କୁମାର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# 'ଭଦ୍ରାୟଣୀ'ରେ ପଡ଼ିବ ପୁସ୍ତକ ଷ୍ଟଲ୍

ଭଦ୍ରକ,୨।୧ (ରବିନାରାୟଣ ଖିଲାର)

ଭଦ୍ରକ ଚରମ୍ପାର ଓଏସ୍‌ଆର୍‌ଟିସି ପଡ଼ିଆଠାରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ଜିଲା ମହୋତ୍ସବ 'ଭଦ୍ରାୟଣୀ'ରେ ଚଳିତବର୍ଷ ପ୍ରଥମଥର ପାଇଁ ପୁସ୍ତକ ଷ୍ଟଲ୍ ପଡ଼ିବ। ବୁଧବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନେଇ ଜିଲା ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର, ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ଅଜୟ ନାୟକ, ସଂଗ୍ରାମ ଆଚାର୍ଯ୍ୟ, ଦୈତାରୀ ମହାପାତ୍ର, ରୂପକ ରାୟ, ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ପ୍ରାୟ ୫୦ଟି ପୁସ୍ତକ ଷ୍ଟଲ୍ ପଡ଼ିବ ବୋଲି ଡେପୁଟି କଲେକ୍ଟର ମଣ୍ଡଳ ସୂଚନା ଦେଇଥିଲେ। ଏଥିସହ ପ୍ରତିଦିନ ସାହିତ୍ୟିକମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ।

# ପୁଣ୍ୟତିଥିରେ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭଦ୍ରକ,୨।୧(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ସକାଳେ ମହତାବ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମହତାବଙ୍କ ଦେଶଭକ୍ତି, ରାଜନୈତିକ ଦୂରଦର୍ଶିତା ଏବଂ ଓଡ଼ିଶା ବିକାଶରେ ତାଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଅତିରିକ୍ତ ଜିଲା ସୂଚନା ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିସ ବେହେରା, ଶାନ୍ତନୁ ରାଉତ, ରମେଶ ଦାସ, ବିଜୟ ବହଳୀ, ଲକ୍ଷ୍ମୀଧର ବିଶ୍ୱାଳଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

# ମହତାବଙ୍କ ଶ୍ରାଦ୍ଧବାର୍ଷିକୀ

ଧାମନଗର,୨।୧(ଦେବେନ୍ଦ୍ର ଆନ୍ଦିଆ)

ପୂର୍ବତନ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧବାର୍ଷିକୀରେ ଶୁକ୍ରବାର ଅପରାହ୍ନରେ ଧାମନଗରସ୍ଥିତ ମହତାବ ସେବା ସଦନ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସେବା ସଦନ ପରିସରରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସେବା ସଦନର ପରିଚାଳକ ବରିଷ୍ଠ ଖବରଦାତା ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ଅନିଲ କୁମାର ବାରିକ, ରସାନନ୍ଦ ମହାପାତ୍ର, ସୁଧାକର ଦାଶ, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ସରୋଜ କୁମାର ସେଠୀ, ଶଚିକାନ୍ତ ପଣ୍ଡା, ଗୋଲାମ ଜିଲାନୀ ହବିବି, ରଜତ କୁମାର ପଣ୍ଡା, କୈଳାସ ଚନ୍ଦ୍ର ଗୁପ୍ତା, ଶିକ୍ଷକ ମନୋଜ କୁମାର ସିଂହ, ଦୁର୍ଗା ଚରଣ ମହାପାତ୍ର, ଧାମନଗର ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭାତ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଯୋଗଦେଇ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଭଦ୍ରକର ଓଡ଼ିଶା ପୋଲିସ ଟିମ୍ ବିଜୟୀ

ଧୁଷୁରୀ, ୨।୧(ଦୀପ୍ତିରଞ୍ଜନ ନାୟକ)

## ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍

ଧାମନଗର ବ୍ଲକର ଓଲଟପୁର ପଡ଼ିଆରେ ମା' ବାସନ୍ତୀ ଫୁଟ୍‌ବଲ୍ କମିଟି ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ନରେ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପାରାଦୀପ ସ୍ପୋର୍ଟସ ଫୁଟ୍‌ବଲ୍ ଟିମ୍ ଓ ଭଦ୍ରକର ଓଡ଼ିଶା ପୋଲିସ ଫୁଟ୍‌ବଲ୍ ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଓଡ଼ିଶା ପୋଲିସ ଟିମ୍ ୩-୨ ଗୋଲ୍‌ରେ ବିଜୟୀ ହୋଇଛି। ଧୁଷୁରୀ ଥାନା ସବ୍ ଇନ୍ସପେକ୍ଟର ବାସୁଦେବ ଓରାମ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସାମାଜିକ କର୍ମୀ ଚତୁର୍ଭୁଜ ନାୟକ, ରଘୁନାଥ ବାରିକ, ଶୈଳେନ୍ଦ୍ର ମଲ୍ଲିକ, ଦୟାନିଧି ନାଥ, ସଂଗ୍ରାମ କେଶରୀ ଗୋସ୍ୱାମୀ, କାହ୍ନୁ ଚରଣ ପଣ୍ଡା, ଦେବାନନ୍ଦ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିତେନ୍ଦ୍ର ବାରିକ, ରିଆଜ କାଦରୀ, ସୁଶାନ୍ତ ବିଶ୍ୱାଳ ଓ ଶିବ ପ୍ରସାଦ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଶରତ କୁମାର ରାଉତ ଓ ଫଣି ଭୂଷଣ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ।



୨ ଟିମ୍ ମଧ୍ୟରେ ପ୍ରତିଯୋଗିତା ଚାଲିଛି।

# 'ସଚେତନ ହେଲେ ଦୁର୍ଘଟଣା କମିବ'

ଭଦ୍ରକ,୨।୧ (ସନାତନ ରାଉତ/ ରବିନାରାୟଣ ଖିଲାର)

## ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ

ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ସଡ଼କ ସୁରକ୍ଷା ସମିତି ସହଯୋଗରେ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ 'ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ' ବାର୍ତ୍ତାକୁ ଆଗେଇ ନେଇ ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚାଳନା ନ କରିବା, ଗତିସୀମା ମାନିବା ଓ ଟ୍ରାଫିକ୍ ନିୟମ ଅନୁସରଣ କରିବାକୁ ଆହ୍ୱାନ ଦେବା ସହ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି।

ସକାଳ ୯ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ସଚେତନ ହେଲେ ଦୁର୍ଘଟଣା କମିପାରିବ। ଦେଶରେ ପ୍ରତିଦିନ ପ୍ରାୟ ୧୪୦୦ଟି ସଡ଼କ ଦୁର୍ଘଟଣା ଘଟୁଥିବା ଚିନ୍ତାର ବିଷୟ। ଏହାକୁ ରୋକିବା ପାଇଁ ଶିକ୍ଷା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସଡ଼କ ଡିଜାଇନ, ଇଞ୍ଜିନିୟରିଂ ସୁଧାର ଏବଂ କଠୋର କାନୁନ ପ୍ରୟୋଗ ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ସମସ୍ତ ନାଗରିକ ଯାତାୟାତ ନିୟମ ମାନିବା ଓ ସୁରକ୍ଷିତ ଗତି ସୀମା ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ସଚେତନତା ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର, ପ୍ରଶାସନିକ ଅଧିକାରୀ ଓ ପରିବହନ ବିଭାଗର କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀପଡ଼ିଆ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଅତିଥିମାନେ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡିଆଇବି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ସଡ଼କ ସୁରକ୍ଷା ସମିତି ସଦସ୍ୟ ଅତିସ କୁମାର ବେହେରା, ଶ୍ରୀନିବାସ ପତି ପ୍ରମୁଖ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଓଡ଼ିଶାରେ ଝାଡ଼ଖଣ୍ଡ ଧାନ

ବାରିପଦା,୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଧାନ କିଣାକୁ ନେଇ ଜିଲା ପ୍ରଶାସନସ୍ତରରେ ଗୁରୁତ୍ୱ ଦିଆଯାଉଛି। କଟନିଛଟନିର ଶିକାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା ବେଳେ ପଡ଼ୋଶୀ ରାଜ୍ୟର ଧାନ ଆମଦାନୀ ଉପରେ ମଧ୍ୟ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଜିଲାର ରାଇରଙ୍ଗପୁର ଉପଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ଝାଡ଼ଖଣ୍ଡ ରାଜ୍ୟର ଟନଟନ୍ ଧାନକୁ ଆଣି ସୁରକ୍ଷିତ ଭାବେ ଗଚ୍ଛିତ କରାଯାଇଛି । ଏହି ଧାନକୁ ଓଡ଼ିଶାରେ ବିକ୍ରି କରି ରାଜ୍ୟ ସରକାରଙ୍କ ଏମ୍ଏସ୍ପି ଅର୍ଥ ହରିଲୁଟ କରିବା ପାଇଁ ଉଦ୍ୟମ ଚାଲିଥିବା ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ରାଇରଙ୍ଗପୁର ଉପଖଣ୍ଡ ଝାଡ଼ଖଣ୍ଡ ସୀମାନ୍ତରେ ଥିବା ଜାମଦା ବ୍ଲକର ବଡ଼ଦୁନ୍ଦୁ ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ଧାନ ଗଚ୍ଛିତ ରଖାଯାଇଛି। ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୧୫୦୦ ଟଙ୍କାରେ କିଣି ଏମ୍ଏସ୍ପି ମୂଲ୍ୟରେ ବିକ୍ରି କରିବା ପାଇଁ ଧାନ ସଂଗ୍ରହ କରାଯାଇଛି । ଏପରିକି ବଡ଼ଦୁନ୍ଦଠାରୁ ମାତ୍ର ୨କିମି ଦୂର ଝାଡ଼ଖଣ୍ଡ ରାଜ୍ୟର ପୁଣ୍ଡିଘୁଟ ଗ୍ରାମରେ ମଧ୍ୟ ହଜାର ହଜାର କୁଇଣ୍ଟାଲ ଧାନକୁ ଓଡ଼ିଶାରେ ବିକ୍ରୟ ପାଇଁ ଗୋଦାମରେ ରଖାଯାଇଛି। ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ଏପରି କାର୍ଯ୍ୟ ଚାଲୁ ରହିଥିବା ବେଳେ କଳାବଜାରୀରେ ରୋକ୍ ଲଗାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଚାଷୀମାନେ କହିଛନ୍ତି। ମାତ୍ର ମୟୂରଭଞ୍ଜ ଜିଲା ସୀମାନ୍ତ ଅଞ୍ଚଳରେ ଧାନ ଚୋରି ରୋକିବା ନିମନ୍ତେ ଚେକ୍ ପୋଷ୍ଟ କରିବା ସହିତ ସୀମା ସିଲ୍ କରିବା ପାଇଁ ଜିଲାପାଳ ହେମକାନ୍ତ ସୟ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ବେଆଇନ ଧାନ ଆମଦାନୀକୁ ରୋକିବା ପାଇଁ ଏପରି କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ବିପୁଳ ମାତ୍ରାରେ ଧାନ ଗଚ୍ଛିତ ରଖାଯାଇଛି। ଏପରିକି ବଡ଼ଦୁନ୍ଦ ଲ୍ୟାମ୍ପସଠାରୁ ମାତ୍ର ଶହେ ମିଟର ଦୂରରେ ଏପରି ଗଚ୍ଛିତ ରହିଥିବା ଧାନ ପ୍ରତି ବିଭାଗର ନଜର ନ ଥିବାରୁ ଅଞ୍ଚଳବାସୀ ପ୍ରଶ୍ନ

## ମଣ୍ଡିରେ ବିକ୍ରି ପାଇଁ ଗଚ୍ଛିତ ରହିଛି ଅନେକ ଟନ୍ ଧାନ


ଧାନ ଗଚ୍ଛିତ ଥିବା ଗୋଦାମ।

ଉଠାଇଛନ୍ତି। ତେବେ ଜିଲାର ମକର ପର୍ବ ଓ ଧାନ କଟା ପାଇଁ ଅର୍ଥାଭାବ କାରଣରୁ ଚାଷୀମାନେ ଶାଗମାଛ ଦରରେ ଧାନ ବିକ୍ରି କରୁଥିବାରୁ କଳାବଜାରୀମାନେ ଏହାର ଫାଇଦା ଉଠାଇବାରେ ଲାଗିଛନ୍ତି। ୨୬ ଡିସେମ୍ବରରୁ ସରକାରୀସ୍ତରରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଯାଞ୍ଚ ବ୍ୟବସ୍ଥା ସମ୍ପୂର୍ଣ୍ଣ ଜିଲା ହୋଇପଡ଼ିଛି। ତେବେ ଓଡ଼ିଶା ସରକାର ଧାନର ଏମ୍ଏସ୍ପି ମୂଲ୍ୟ ବୃଦ୍ଧିକୁ କରି ଚାଷୀ ଉପକୃତ ହେବା ପ୍ରତିବଦଳରେ କଳାବଜାରୀ ମାଲେମାଲ ହେବା ସମସ୍ତଙ୍କୁ ବିସ୍ମିତ କରିଛି । ଏ ସଂକ୍ରାନ୍ତରେ ଜିଲା ଯୋଗଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ। ଧାନ କିଣା ଦାୟିତ୍ୱରେ ଥିବା ଜିଲା ନୋଡାଲ ଅଫିସର ଅତିରିକ୍ତ ଜିଲାପାଳ ଗୋପବନ୍ଧୁ ନାୟକଙ୍କୁ ପଚାରିବାରୁ ଏଭଳି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି ରାଇରଙ୍ଗପୁର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲା ଯୋଗାଣ ଅଧିକାରୀ ଓ ସମବାୟ ସମିତିର ଉପ ନିବନ୍ଧକଙ୍କୁ ମଧ୍ୟ ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଜିଲାରେ ପଞ୍ଜୀକୃତ ୮୩ହଜାର ୮୨୦ଚାଷୀଙ୍କଠାରୁ ଧାନ କିଣା ପର୍ଯ୍ୟାୟ କ୍ରମେ ଆରମ୍ଭ ହୋଇଛି। ପଞ୍ଜୀକୃତଚାଷୀଙ୍କଠାରୁ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୩ଲକ୍ଷ ୮୨ହଜାର କୁଇଣ୍ଟାଲ ଧାନ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# ଆରମ୍ଭ ହେଲା ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା

ବାରିପଦା,୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଉତ୍ତର ଓଡ଼ିଶା ୪ ଜିଲାର ୪୫୯ କଲେଜରେ ବ୍ୟାପକ ବ୍ୟବସ୍ଥା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚସିଇ) ପକ୍ଷରୁ ଶୁକ୍ରବାର ଠାରୁ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ପରିଷଦର ଉତ୍ତର ଓଡିଶା ଶାଖା କାର୍ଯ୍ୟାଳୟ ବାରିପଦା ଅଧୀନରେ ମୟୂରଭଞ୍ଜ ଜିଲାର ୧୩୬ଟି, ବାଲେଶ୍ୱରର ୧୫୬ଟି, ଭଦ୍ରକର ୮୩ ଟି ଓ କେନ୍ଦୁଝରର ୮୪ଟି ଯୁକ୍ତ ୨ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯଥାକ୍ରମେ ୨୬ହଜାର ୨୦୨, ୨୫ହଜାର ୬୯୩, ୧୪ହଜାର ୫୪ ଓ ୧୬ହଜାର ୪୪୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବିଷୟ ଅନୁଯାୟୀ ପ୍ରାକ୍ଟିକାଲ ପରୀକ୍ଷା ଦେଉଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗରେ ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ପରୀକ୍ଷା ଜାନୁଆରି ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପରିଷଦ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି ଏବଂ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଥିଓରି ପରୀକ୍ଷା ଫେବ୍ରୁଆରି ୧୮ ତାରିଖଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ପରିଷଦର ଉତ୍ତର ଓଡିଶା ଶାଖା ଉପସଚିବ ରାଜେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୈଶିଙ୍ଗା,୨।୧ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ପ୍ରିୟାଂଶୀ ରାଧେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦ମ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଧାରମଣ ଦଳେଇଙ୍କ ପୌରହିତ୍ୟରେ ମଙ୍ଗଳବାରଠାରୁ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା କରୁଣାକର ସାହୁ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ସମ୍ପାଦକ ଈଶାନ କୁମାର ସାହୁ, ଉପଦେଷ୍ଟା ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ଏବଂ କ୍ରୀଡା ଭଳି ଦୁଇଟି ପରିପୂରକ ଶବ୍ଦ ଯାହାକି ଉତ୍ତମ ଛାତ୍ର ଜୀବନ ଗଢି ତୋଳିବାରେ ସହାୟକ ହୁଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଭିନ୍ନ ବର୍ଗରେ ମୋଟ ୧୮୦ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ କ୍ରିକେଟ, ଭଲିବଲ, ଦୌଡ, ଡିସକସ ସର୍ଟପୁଟ, ଜ୍ୟାଭଲିନ, ପୁଚି, ମ୍ୟୁଜିକ ଚେୟାର ପ୍ରଭୃତି ଖେଳ ହୋଇଥିଲା। ଉଦଯାପନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ବିଦ୍ୟାଳୟ ସଭାପତି ସୁଶାନ୍ତ କୁମାର ନାୟକ ଯୋଗଦେଇ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ବାର୍ଷିକ କ୍ରୀଡାକୁ ରଣଜିତ କୁମାର ନାୟକ ଓ ସୁବ୍ରତ ଦଣ୍ଡପାଟ ପରିଚାଳନା କରିଥିବା ବେଳେ ଖେଳ ବିଭାଗ ପ୍ରମୁଖ ଅଧ୍ୟାପକ ପ୍ରକାଶ କର ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଝାରପୋଖରିଆ,୨।୧
(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ (ବମ୍ଫେଛକ) ଠାରେ ଥିବା ସୀମାନ୍ତ ଯୁବ ସମିତି ଆନୁକୁଲ୍ୟରେ ଚାଲିଥିବା ନବମ ବାର୍ଷିକ ଯୁବ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିଲେ। ମଞ୍ଚରେ ସୀମାନ୍ତ ଯୁବ ସମିତିର ସଭାପତି ଅଶୋକ କୁମାର ପୁଷ୍ଟି, ସହ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତ, ଜିଲା ଯୁବ ପ୍ରକଳ୍ପ ସଭାପତି କୁଞ୍ଜ ବିହାରୀ ସେଠୀ, ସମିତି ସଦସ୍ୟ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଡ. ସରୋଜ କୁମାର ନାୟକ ପରିଚାଳନା କରିଥିଲେ। ଜାତୀୟ ଯୁବ ପ୍ରକଳ୍ପର ସଂଯୋଜକ ମଳୟ କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମ୍ପ ଶୋ ଓ ବିଭିନ୍ନ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପୁଣି ବିଦ୍ୟାଳୟରେ ପଡ଼ିଲା ତାଲା

ଉଦଳା,୨।୧ (ସନ୍ତୋଷ କୁମାର ବାଛିନୀ)

ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ବିବାଦ ଥମୁନି। ଗୋଟିଏପଟେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ଛାଡି ଯିବାକୁ ନାରାଜ, ଅନ୍ୟପଟେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ପୁରାଇ ନ ଦେବା ଜିଦ୍‌ରେ ଅଡ଼ ବସିଛନ୍ତି ଅଭିଭାବକ। ଯାହାକୁ ନେଇ ପୁଣି ବିଦ୍ୟାଳୟରେ ପଡ଼ିଛି ତାଲା । ଏଭଳି ଘଟଣା ସାମ୍ନାକୁ ଆସିଛି ଉଦଳା ବ୍ଲକ ବହୁବନ୍ଧ ଆଶ୍ରମ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପଣ୍ଡାଙ୍କର ପୂର୍ବରୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ରଞ୍ଜନ ନାୟକ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇ ଆସିଥିଲେ। ହେଲେ ପ୍ରତିଭା ମଞ୍ଜରୀ ପଣ୍ଡା ବିଦ୍ୟାଳୟର କୌଣସି ନଥିପତ୍ର ନୂତନ ପ୍ରଧାନ ଶିକ୍ଷକଙ୍କୁ ଦେଇ ନ ଥିଲେ, ଯାହା ଫଳରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଧ୍ୟାହ୍ନଭୋଜନ ବାବଦ ଟଙ୍କା ପାଇ ନ ଥିଲେ। ଯାହାକୁ ନେଇ ଗତ ଡିସେମ୍ବର ୧ ତାରିଖରେ ମହିଳାମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଏହା ପରେ ପୁଣି ପୂର୍ବତନ


ଅଭିଭାବକଙ୍କ ସହ ପୋଲିସ ଆଲୋଚନା କରୁଛି।

## ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପୂରାଇ ନ ଦେବା ଜିଦ୍‌ରେ ଅଟଳ ଅଭିଭାବକ

ପ୍ରଧାନ ଶିକ୍ଷୟିତ୍ରୀ ପଣ୍ଡାଙ୍କ ବଦଳି କରିବା ଦାବିରେ ଡିସେମ୍ବର ୨୬ରେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହିତ ରାସ୍ତା ଅବରୋଧ କରାଯାଇଥିଲା। ହେଲେ ବଦଳି ହୋଇଥିବା ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପୁଣି ଦାୟିତ୍ୱ ନ ନେବାକୁ ଦାବି କରି ଧାରଣା ଦିଆଯାଇଥିବା ବେଳେ ଜିଲା ମଙ୍ଗଳ ଅଧିକାରୀଙ୍କ ସହିତ ଅନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ସମାଧାନ ହେବ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ଜଏନ କରାଯିବ ନାହିଁ ବୋଲି କହିଥିଲେ। ହେଲେ ପୁଣି ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ପଣ୍ଡା ବିଦ୍ୟାଳୟରେ ଯୋଗ ଦେବା ନିମନ୍ତେ ଆସିଥିବା ବେଳେ ବିରୋଧ କରି ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁରାଇ ନ ଦେବା ଜିଦ୍‌ରେ ଅଡ଼ି ବସିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଅଭିଭାବକଙ୍କ ସହିତ ଆଲୋଚନା କରିବା ସହିତ ୧୫ ଦିନ ମଧ୍ୟରେ ନୂତନ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବେ ବୋଲି ଉପରିସ୍ଥ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ପିଏମଶ୍ରୀ ଉତ୍ସବ

ମୋରଡ଼ା,୨।୧ (ସ୍ମାରକ ମାଝୀ)

ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜାସ୍ଥିତ ପିଏମଶ୍ରୀ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ ପାତ୍ର, ମୁଖ୍ୟ ବକ୍ତା ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ,ରାମ ଟୁଡୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସୁନ୍ଦର ଭବିଷ୍ୟତ ଏବଂ ଉତ୍ତମ ଦକ୍ଷତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଅଭିଭାବକମାନେ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଛାତ୍ରୀଛାତ୍ରମାନେ ଆକାଂକ୍ଷା ମେଳା, ସାହିତ୍ୟ ସୃଜନି, କୋଶଳି, କ୍ରୀଡାଙ୍ଗନ ଆଦି ପ୍ରଦର୍ଶନ କରି ଦକ୍ଷତା ପ୍ରତିପାଦନ କରିଥିଲେ।

# କୁଳିଅଣା ଲ୍ୟାମ୍ପସ୍‌ରେ ଖୋଲିଲା ଧାନମଣ୍ଡି



କୁଳିଅଣା,୨।୧ (ଆଦିକନ୍ଦ ସାହୁ)

କୁଳିଅଣା ଲ୍ୟାମ୍ପସ୍ ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୧ଟା୩୦ରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ୮ନଂ. ଜୋନ ଜିଲାପରିଷଦ ସଦସ୍ୟ ଦୁର୍ଗା ଚରଣ ମାରାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପ୍ରିୟ ମୋହନ ହେମ୍ବ୍ରମ, ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, ୯ନଂ. ଜୋନ ଜିଲାପରିଷଦ ସଦସ୍ୟ ଆନନ୍ଦ ଟୁଟୁ, କୁଳିଅଣା ଆର୍ଆଇ ଅଜିତ କୁମାର ସିଂହା, ସୁମନ୍ତ ଷଡ଼ଙ୍ଗୀ, ପିଇଓ ସତ୍ୟରଞ୍ଜନ ପାତ୍ର, ଲ୍ୟାମ୍ପସ ସଭାପତି ଶରତ ଚନ୍ଦ୍ର ନାଏକ, ପ୍ରଶାନ୍ତ ନାଏକ, ଚାଷୀ କମିଟିର ପଦ୍ମଲୋଚନ ସାହୁଙ୍କ ସହିତ ଲ୍ୟାମ୍ପସ ସଭ୍ୟାସଭ୍ୟଙ୍କ ଉପସ୍ଥିତରେ ଏସଏସଏମ କୁଆବୁଡ଼ା ମିଲର ୯ଜଣ ଚାଷୀଙ୍କଠାରୁ ୧୯୨ କୁଇଣ୍ଟାଲ ଧାନ କିଣିଥିବା ଜଣାପଡ଼ିଛି।

# ବେଆଇନ ପ୍ରବେଶ ଶୁଳ୍କ ଆଦାୟକୁ ନେଇ ଅସନ୍ତୋଷ

ବାରିପଦା,୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ହଳଦିଆ ବନ୍ଧରେ ନବନିର୍ମିତ ପାର୍କ ଭ୍ରମଣ ଓ ବନ୍ଧର ସୌନ୍ଦର୍ଯ୍ୟ ଦର୍ଶନ ପାଇଁ ନବବର୍ଷରେ ପହଞ୍ଚିଥିବା ପର୍ଯ୍ୟଟକଙ୍କ ଠାରୁ ବେଆଇନ ଶୁଳ୍କ ଆଦାୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ଶୁଳ୍କ ଆଦାୟ କରୁଥିବା ସ୍ଥାନୀୟ ଏସ୍ଏଚ୍‌ଜି ଗୋଷ୍ଠୀର ସଦସ୍ୟାମାନେ ସ୍ଥାନ ଛାଡି ପଳାଇଥିଲେ। ଜିଲା ପ୍ରଶାସନର ବିନା ଅନୁମତିରେ ଏଭଳି ଅର୍ଥ ଆଦାୟ ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିବ୍ୟାଙ୍ଗ ମହାସଂଘର ଅଧ୍ୟକ୍ଷ ଅରୁଣ ବେହେରା ଦାବି କରିଛନ୍ତି।

ସୂଚନାଯୋଗ୍ୟ, ହଳଦିଆ ବନ୍ଧରେ ପର୍ଯ୍ୟଟକଙ୍କ ନିମନ୍ତେ ଆମୋଦ ପ୍ରମୋଦ ପାଇଁ ପର୍ଯ୍ୟଟନର ବିକାଶ କରାଯାଉଛି। ସୁନ୍ଦର ପାର୍କ ନିର୍ମାଣ ସହ ବୋଟିଂ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଚାଲିଛି। ଏହି କ୍ରମରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା କୁଳିଅଣା ବ୍ଲକ ଅଧୀନ ହଳଦିଆ ଡ୍ୟାମ ବା ବନ୍ଧରେ ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ ଉଦ୍ୟମରେ ବାରିପଦା ଆଇଟିଡିଏର ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମିନି ପାର୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ବନ୍ଧରେ ବୋଟିଂ ବ୍ୟବସ୍ଥା କରାଯାଇଛି। ଯାହାର ଉଦ୍‌ଘାଟନ ୨ଦିନ ପୂର୍ବେ ୩୦ତାରିଖରେ ସମ୍ପନ୍ନ ହୋଇଥିଲା। ସୁନ୍ଦର ପ୍ରକଳ୍ପ ପାଇଁ ଉଦ୍‌ଘାଟନ ଦିନଠାରୁ ଲୋକଙ୍କ ସମାଗମ ବୃଦ୍ଧି ପାଇଛି। ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୩୧ତାରିଖ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରଖାଯାଇଥିଲା। ତେବେ ଅପରାହ୍ନ ୩ଟା ବେଳକୁ ଲୋକେ ପ୍ରବେଶ ବନ୍ଦ ପାଇଁ ହୋଇଥିବା ବାଉଁଶ ବାଡ ଭାଙ୍ଗି ବଳପୂର୍ବକ ଭିତରକୁ ପ୍ରବେଶ କରିଥିଲେ। ଅପରପକ୍ଷରେ ଗୁରୁବାର ନବବର୍ଷ ସକାଳୁ ସ୍ଥାନୀୟ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପର୍ଯ୍ୟଟକଙ୍କ ପ୍ରବେଶ ବାବଦକୁ ଶୁଳ୍କ ଆଦାୟ ଆରମ୍ଭ ହୋଇଥିଲା। କୌଣସି ପ୍ରାକ୍ ସୂଚନା ବା ସରକାରୀ ନିର୍ଦ୍ଦେଶନାମା ନ ଥାଇ ମହିଳା ସଦସ୍ୟାମାନେ ସାଦା କାଗଜରେ ହାତଲେଖା ମୂଲ୍ୟର ଟିକଟ ପ୍ରତିବଦଳରେ ପ୍ରବେଶ ଅନୁମତି ଦେଉଥିଲେ। ୫ବର୍ଷ ପର୍ଯ୍ୟନ୍ତ ପ୍ରତି ପିଲାଙ୍କ ପାଇଁ ୨୦ଟଙ୍କା ଓ ତଦୁର୍ଦ୍ଧ୍ୱ ବୟସର ପ୍ରତି ଲୋକଙ୍କ ପାଇଁ ୫୦ଟଙ୍କା ଲେଖାଏଁ ଆଦାୟ କରୁଥିଲେ। ତେବେ ଜନସମାଗମ ବୃଦ୍ଧି ପରେ ପରେ ଶୁଳ୍କ ଆଦାୟକୁ ନେଇ ଅସନ୍ତୋଷରୁ ଉତ୍ତେଜନା ରୂପ ଧାରଣ କରିଥିଲା। ଶେଷରେ ଲୋକଙ୍କ ଆକ୍ରୋଶ ଭୟରେ ମହିଳା ସଦସ୍ୟାମାନେ ସ୍ଥାନ ଛାଡି ପଳାଇଥିଲେ। ଏପରି ଘଟଣାର କାରଣ ପଚାରିବା ପାଇଁ ବାରିପଦା ଆଇଟିଡିଏ ପିଏ ପ୍ରଣୟ ରଞ୍ଜନ ବେହେରା ଓ ସହକାରୀ ନିର୍ବାହୀଯନ୍ତ୍ରୀ ଗୁରୁଚରଣ ସିଂଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଉକ୍ତ ଘଟଣାକୁ ନେଇ ବାଙ୍ଗିରିପୋଷି ବିଧାୟିକା ମୁର୍ମୁ ଫୋନରେ କୌଣସି ମତାମତ ଦେବେ ନାହିଁ ବୋଲି କହିବା ସହ ମତାମତ ପାଇଁ ଭେଟିବାକୁ କହିଛନ୍ତି। ତେବେ ଏସ୍ଏଚ୍‌ଜି ମହିଳାଙ୍କୁ ଶୁଳ୍କ ଆଦାୟ ପାଇଁ ଅନୁମତି କିଏ ଦେଇଥିଲେ। ଯଦି କେହି ଦେଇନାହାନ୍ତି, ତେବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି।

# ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ

ଝାରପୋଖରିଆ,୨।୧ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନସ୍ଥ ଝାରପୋଖରିଆ (ବମ୍ଫେଛକ)ଠାରେ ଥିବା ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର ଏକ ବନ୍ଧୁମିଳନ ସହିତ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶୀର୍ଷା ମେରୁମଠସ୍ଥିତ ମହିମା ଗାଦି ମଠ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର ଉପଦେଷ୍ଟା ଜୟହରି ଘୋଷ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲା ବରିଷ୍ଠ ନାଗରିକ ସମିତିର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା, ମୁଖ୍ୟ ବକ୍ତାଭାବେ ଜିଲା ମଞ୍ଚର ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ, ମଞ୍ଚାସୀନ ଅତିଥିଙ୍କ ଗହଣରେ ସୀମାନ୍ତ ବରିଷ୍ଟ ନାଗରିକ ମଞ୍ଚର ସଭାପତି ସୁନୀଲ ମହାପାତ୍ର, ସମ୍ପାଦକ ଘାଷିରାମ ମହାନ୍ତ ଏବଂ ମଠାଧିଶ ବାବା ବିମ୍ବାଧର ଦାସ ଉପସ୍ଥିତ ଥିଲେ। ମଞ୍ଚର ସଭ୍ୟ ଶିକ୍ଷାବିତ ଭରତ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାରସକଣା ବ୍ଲକ୍‌ର ୧୭ ପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରିଥିଲେ। ଝାରପୋଖରିଆ ଥାନା ଅଧିକାରୀଙ୍କ ଅବହେଳା ପାଇଁ ପରିଚୟପତ୍ର ପାଇବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପର୍ଯ୍ୟଟନ ବିଭାଗ ଦ୍ୱାରା ୨୦୧୬ରୁ ଉକ୍ତ ଶୀର୍ଷା ମହିମା ଗାଦି ମେରୁମଠକୁ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ରାସ୍ତା ପ୍ରଶସ୍ତୀକରଣ ହୋଇ ନ ଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ମଠାଧିଶ ବିମ୍ବାଧର ବାବା ମତ ପ୍ରକାଶ କରିଛନ୍ତି। ଶେଷରେ ପୁରାତନ ମଞ୍ଚର କର୍ମକର୍ତ୍ତାଙ୍କୁ ବିଦାୟ ଦେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମଞ୍ଚର ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ଜୟହରି ଘୋଷ, ଉପସଭାପତି ଭରତ ଚନ୍ଦ୍ର ମହାନ୍ତ, ସମ୍ପାଦକ ଘାସିରାମ ମହାନ୍ତ, ସହ ସମ୍ପାଦକ ସୁବିର ପଇଡ଼ା, କୋଷାଧ୍ୟକ୍ଷ ଅଞ୍ଜନ ପାତ୍ର, ଉପଦେଷ୍ଟା ଶାନ୍ତନୁ ବେହେରା ପ୍ରମୁଖ ସର୍ବସମ୍ମତି କ୍ରମେ ଚୟନ ହୋଇ ନିଜ ନିଜ କାର୍ଯ୍ୟଭାର ଗ୍ରହଣ କରିଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

# 'ଶିକ୍ଷା ସହ ନିଜସ୍ୱ ପ୍ରତିଭାର ସୁବିନିଯୋଗ କରିବା ଆବଶ୍ୟକ'

## ପ୍ରିନ୍ସ କଲେଜ ଓ ସ୍କୁଲର ବାର୍ଷିକୋତ୍ସବ

ବାରିପଦା,୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଉପକଣ୍ଠ ରାମନଗରସ୍ଥିତ ପ୍ରିନ୍ସ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ଏମନ୍ ନାଜ୍ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆନ୍ତର୍ଜାତିକ ଧାବିକା ଦୂତୀ ଚାନ୍ଦ ଯୋଗଦେଇ ପାଠପଢ଼ା ସହିତ କ୍ରୀଡ଼ା, କଳା ଓ ନିଜସ୍ୱ ପ୍ରତିଭାର ସୁବିନିଯୋଗ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉପକୁଳପତି ଡ.ପ୍ରମୋଦ କୁମାର ଶତପଥୀ ଉପସ୍ଥିତ ରହି ରାଜ୍ୟସ୍ତରରେ ପ୍ରିନ୍ସ ଛାତ୍ରୀଛାତ୍ରମାନଙ୍କ ସଫଳତାକୁ ପ୍ରଶଂସା କରି ଶିକ୍ଷା ସମ୍ବନ୍ଧିତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ରାଜେଶ ପ୍ରଧାନ ଯୋଗଦେଇ ସମୟର ସଦୁପଯୋଗ କରିବା ସହିତ ଶୃଙ୍ଖଳିତ ହୋଇ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଆଦିତ୍ୟ ପ୍ରସାଦ ଜେନା ଓ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ କହିଥିଲେ। ଏହି ଅବସରରେ ଯୁକ୍ତ ଦୁଇ କଳା ଏବଂ ବିଜ୍ଞାନ, ନିଟ୍, ଜେଇଇ ପରି ସର୍ବଭାରତୀୟ ପରୀକ୍ଷାରେ ପ୍ରିନ୍ସ କଲେଜ କ୍ରମାଗତ ସଫଳତା ହାସଲ କରିବା ଏବଂ ଛାତ୍ରୀଛାତ୍ରଙ୍କ ଅଧ୍ୟବସାୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ପ୍ରିନ୍ସ ଏକ ଜାତୀୟସ୍ତରର ଅନୁଷ୍ଠାନ ଭାବେ ପରିଚୟ ହାସଲ କରିବ ବୋଲି କହିଥିଲେ । ପ୍ରିନ୍ସ ଗ୍ରୁପର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ଥୟାଲ ପ୍ରମୁଖ ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ନିଟ୍, ଇଣ୍ଟିଗ୍ରେଟେଡ ବିଏଡ୍‌ରେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତଥା କାଉନସିଲ ଅଧୀନରେ +୨ ବିଜ୍ଞାନ ୨୦୨୫ରେ ୯୫ପ୍ରତିଶତ ନମ୍ବର ରଖି ସମଗ୍ର ରାଜ୍ୟରେ ୫ମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରିନ୍ସ ଛାତ୍ର ଗୌରବ ସମ୍ମାନ-୨୦୨୫ ଏବଂ ୧୦ହଜାର ଟଙ୍କା ଚେକ ପ୍ରଦାନ କରାଯାଇଥିଲା। କଲେଜ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ପରମେଶ୍ୱର ଦେ ବାର୍ଷିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦିଲ୍ଲୀପ କୁମାର ମହାନ୍ତି, ସୁରଜିତ ଦାସ, ମୃତ୍ୟୁଞ୍ଜୟ ଦାସ, ଦିନେଶ ବେହେରା, ରେଣୁବାଳା ବେହେରା ପ୍ରମୁଖ ବାର୍ଷିକ କ୍ରୀଡ଼ା ଓ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ବେଆଇନ ଇଟାଭାଟିରେ ତହସିଲଦାରଙ୍କ ତଦନ୍ତ

ସୋର, ୨।୧(ଜନ୍ମେଜୟ ମିଶ୍ର): ସୋର ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଛତୁ ଫୁଟିଲା ଭଳି ଇଟାଭାଟିଗୁଡ଼ିକ ଶୁକ୍ରବାର ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର ତଦନ୍ତ କରିଥିଲେ। ଏହି ସମୟରେ ଇଟାଭାଟି ମାଲିକମାନେ ଚମ୍ପଟ ମାରିଥିବା ବେଳେ କାମ କରୁଥିବା ଶ୍ରମିକଙ୍କୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୭ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ତହସିଲରେ ପେଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ନିଜ ନିଜ ଅଞ୍ଚଳରେ ଗଢ଼ିଉଠିଥିବା ଏହି ବେଆଇନ ଇଟାଭାଟିଗୁଡ଼ିକୁ ନୋଟିସ ଜାରି କରିବାକୁ ତହସିଲଦାର ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି।

# 'ବାଲିଆପାଳକୁ ଏନ୍‌ଏସି ଘୋଷଣା ନ ହେଲେ ଆତ୍ମାହୁତି'

## ଚେତାବନୀ ଦେଲା ବାଲିଆପାଳ ସ୍ୱାଭିମାନ ମଞ୍ଚ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୨।୧

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକକୁ ରାଜ୍ୟ ସରକାର ଏନ୍‌ଏସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ବାଲିଆପାଳ ଡାକବଙ୍ଗଳା ପରିସରରେ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ମାନ୍ୟତା ପାଇଁ ବାଲିପାଳରେ ଆବଶ୍ୟକ ଭିତ୍ତିଭୂମି ରହିଥିବା ବେଳେ ସରକାରୀ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କର ବ୍ୟକ୍ତିଗତ ସ୍ୱାର୍ଥ ହାନି ହେବା କାରଣରୁ ରାଜନୈତିକ ଚକ୍ରାନ୍ତ କରାଯାଉଛି ବୋଲି ମଞ୍ଚର ସଭାପତି ସତ୍ୟକାମ ମହାନ୍ତି କହିଛନ୍ତି। ଏଥିସହିତ ୩୦ ଦିନ ମଧ୍ୟରେ ବାଲିଆପାଳକୁ ଏନ୍‌ଏସି ଘୋଷଣା କରା ନ ଯାଏ ତେବେ ସେ ଆତ୍ମାହୁତି ଦେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମଞ୍ଚର ସଦସ୍ୟ ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ପାତ୍ର, ମନୋଜ କୁମାର ଜେନା, ରିଙ୍କୁ ରଞ୍ଜନ କର, ବିକ୍ରମ କେଶରୀ ଦେ, ଦିନୋଜ ଜେନା ଓ ଗୋବିନ୍ଦ ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟ।

# କର୍କଟ ଆକ୍ରାନ୍ତ ମହିଳାଙ୍କୁ ୧୦ ହଜାର ସହାୟତା


ସାମାଜିକ କର୍ମୀ ଦିଲୀପ୍ କୁମାର ଦାସ ସହାୟତା ପ୍ରଦାନ କରୁଛନ୍ତି।

ବାହାନଗା, ୨।୧(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ମୁଦୁଲିସାହିର ଜଣେ କର୍କଟ ରୋଗରେ ଆକ୍ରାନ୍ତ ମହିଳାଙ୍କୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିବା ସହିତ ମହିଳାଙ୍କ ପୁଅକୁ ପାଠ ପଢ଼ାଇବାର ପ୍ରତିଶ୍ରୁତି ଦେଇଛନ୍ତି ସାମାଜିକ କର୍ମୀ ଦିଲୀପ୍ କୁମାର ଦାସ। ଦିଲୀପ ଦାସ ଭାଜପାର ପୂର୍ବତନ ଦାଣ୍ଡକାଳୀ ମଣ୍ଡଳ ସଭାପତି ଓ ବର୍ତ୍ତମାନର ଖନ୍ତାପଡା ସମବାୟ ସମିତି ସଭାପତି ଭାବେ କାର୍ଯ୍ୟ କରନ୍ତି। ଗତ କିଛିଦିନ ତଳେ ସେହି ଗ୍ରାମର ଜଣେ ଗରିବ ପରିବାର ପିଲାଟି ବୋନ୍ କର୍କଟରେ ପୀଡ଼ିତ ଥିବା ବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା । ମାତ୍ର ସାମାଜିକ ଗଣମାଧ୍ୟମ ସୂତ୍ରରୁ ଖବର ପାଇ ସେହି ପରିବାର ପାଖରେ ପହଞ୍ଚି ପିଲାର ଚିକିତ୍ସା ପାଇଁ ସହାୟତା ଦେଇଥିଲେ। ଏବେ ସେହି ଛୋଟ ପିଲାଟି ଅପରେଶନ ହୋଇ ଧୀରେ ଧୀରେ ଭଲ ହେଉଛି। ସେହିପରି ମୁଦୁଲି ସାହିର ମନୋରଞ୍ଜନ ମୁଦୁଲିଙ୍କ ସ୍ତ୍ରୀ ପ୍ରଭାତି ମୁଦୁଲି ୨ ବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କର ଅର୍ଥ ବାଧକ ସାଜିଥିଲା। ମାତ୍ର ଏ ବିଷୟରେ ଦିଲୀପ୍ ଖବର ପାଇ ନୂଆବର୍ଷରେ ସେହି ପରିବାରର ଘର ପାଖରେ ପହଞ୍ଚି କର୍କଟ ରୋଗରେ ଆକ୍ରାନ୍ତ ମହିଳାଙ୍କୁ ୧୦ହଜାର ଟଙ୍କା ଦେବା ସହିତ ଫଳମୂଳ ଦେଇଥିଲେ। ସହାୟତା ପ୍ରଦାନ ବେଳେ ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ଆରୁହାବାଡ ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ଦଳେଇ ଓ ସାହିର ମହିଳା ପୁରୁଷମାନେ ଉପସ୍ଥିତ ଥିଲେ।

# ସିଂଲା ନୃତ୍ୟ ମହୋତ୍ସବ ଓ ଜଗନ୍ନାଥଙ୍କ ୩୨ ବେଶ

ଲଙ୍ଗଳେଶ୍ୱର, ୨।୧(କମଳାକାନ୍ତ ଦାସ)

ସିଂଲା ଥାନା ଅଧୀନ ସିଂଲାଠାରେ ନୃତ୍ୟ ମହୋତ୍ସବ ଓ ଜଗନ୍ନାଥଙ୍କ ୩୨ ବେଶ ସାଙ୍ଗକୁ ଗ୍ରାମୀଣ ମେଳା ଗୁରୁବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟିତ ହୋଇଛି। ଅଧ୍ୟାପକ ନିରଞ୍ଜନ ବେହେରା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଉତ୍ସବ କମିଟି ସଭାପତି ଶିକ୍ଷାବିତ୍ ଜୟନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବରେ ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା, ମୁଖ୍ୟଅତିଥି ସମାଜସେବୀ ସଂଗ୍ରାମ କେଶରୀ ପରିଡ଼ା, ମୁଖ୍ୟବକ୍ତା ସମାଜସେବୀ ପରମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମହୋତ୍ସବ ଗାଁରୁ ସହର ସମ୍ପର୍କ ଯୋଡ଼ିବା ସହିତ ପ୍ରତିଭା ଚୟନ, ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶରେ ସହାୟକ ହୋଇଥାଏ ବୋଲି ମତପୋଷଣ କରିଥିଲେ। ସମ୍ପାଦକ କମଳାକାନ୍ତ ଅଣ୍ଡିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ସାହୁ, ସୌମ୍ୟରଞ୍ଜନ ଦଳାଇ, ମୃତ୍ୟୁଞ୍ଜୟ ନନ୍ଦ, ଦେବେନ୍ଦ୍ର ସାହୁ, ଶୁଭଙ୍କର ମିଶ୍ର, ସରୋଜ ଜେନା, ନନ୍ଦନ ସାହୁ, ତପନ କାମିଲା, ଅଜୟ ମହାଲିକ, ରାଜେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ନୃତ୍ୟ, ଗୀତରେ ଦୁଲୁକିଲା ମଞ୍ଚ



ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଭୋଗରାଇ ଉତ୍ସବର ୨ୟ ସନ୍ଧ୍ୟା

ଭୋଗରାଇ, ୨।୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନା ଛକ ହେଲିପ୍ୟାଡ ପଡିଆରେ ଆୟୋଜିତ ହେଉଥିବା ଭୋଗରାଇ ଉତ୍ସବର ଶୁକ୍ରବାରୀ ୨ୟ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ ବ୍ୟଙ୍ଗ କବି ଶ୍ରୀକୁମାର ଘୋଷ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ସମ୍ମାନିତ ଅତିଥି ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ଅଧ୍ୟାପକ ପୁର୍ଣ୍ଣେନ୍ଦୁ ଦାସ, ଖବରଦାତା ସଓରିତ ସପନ ପଣ୍ଡା ଭୋଗରାଇ ଉତ୍ସବ ଏକ ନିଆରା ଓ ଭାଇଚାରାର ନିଦର୍ଶନ ବୋଲି ମତ ପ୍ରକାଶ କରିଥିଲେ। ସଭା ମଞ୍ଚ ପୂର୍ବରୁ ଛାତ୍ରୀଛାତ୍ରଙ୍କ ଆକର୍ଷଣୀୟ ନୃତ୍ୟ, ଗୀତ ପରିବେଷଣ ଉତ୍ସବ ପରିସର ଦୁଲୁକିଥିଲା। ପରେ ଓଡ଼ିଶାର ଖ୍ୟାତନାମା ସଙ୍ଗୀତ, ନୃତ୍ୟାଙ୍ଗନା କଳାକାରଙ୍କ ଦ୍ୱାରା ମନମତାଣିଆ ନୃତ୍ୟ, ସଙ୍ଗୀତ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ୧୦ଦିନ ବ୍ୟାପି ଏହି ନିଆରା ଉତ୍ସବକୁ ସଫଳ କରିବାକୁ ଉତ୍ସବ କମିଟି ସଭାପତି ମନ୍ମଥ କୁମାର ଗିରି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। କମିଟି ସଦସ୍ୟ ସୁବଳ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ରେମୁଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବିହନ ବିତରଣ



ଚାଷୀଙ୍କୁ ବିହନ ବଣ୍ଟନ କରାଯାଉଛି।

ରେମୁଣା, ୨।୧(ରବୀନ୍ଦ୍ର ମହାକୁଡ଼)

ରେମୁଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଶୁକ୍ରବାର ବିହନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସରକାରୀ ଉପ–ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସମ୍ମାନିତ ଅତିଥି ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଆତ୍ମା କମିଟି ଅଧ୍ୟକ୍ଷ ମଳୟ କୁମାର ବିଶ୍ୱାଳ ଏବଂ ଜିଲା କୃଷି ଅଧିକାରୀ ସରୋଜ କୁମାର ଜେନା, ବ୍ଲକ କୃଷି ଅଧିକାରୀ ନୀଳିମା ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରେମୁଣା ବ୍ଲକ ଅଧୀନ ସମସ୍ତ ଚାଷୀଙ୍କୁ ଧାନ, ମୁଗ, ବିରି ଆଦି ବିହନ ବଣ୍ଟନ କରାଯାଇଥିଲା।

# ଅଜାତଶତ୍ରୁ ଥିଲେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ

## ୧୮ତମ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର, ୨।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସାମ୍ବାଦିକ ପ୍ରକୋଷ୍ଠ ପରିସରରେ ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜାତଶତ୍ରୁ ଦାସଙ୍କର ୧୮ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ଅଜାତଶତ୍ରୁ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ସ୍ମୃତି ସଭାରେ ଆବାହକ ନିରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ବରିଷ୍ଠ ଡା. ବିଜୟ କୁମାର ପଣ୍ଡା, ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ଆଇନଜୀବୀ ମନୋଜ ନାୟକ, ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି, କିଶୋର ଦାସ, ରବି ରାଉତ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଯୋଗଦେଇ ଅଜାତଶତ୍ରୁ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ପ୍ରଶାସନିକ ସେବା କ୍ଷେତ୍ରରେ ଦକ୍ଷତାର ସହ ସାମାଜିକ ସ୍ତରରେ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ତାଙ୍କର ସୁ–ସମ୍ପର୍କ ରହିଥିଲା। କର୍ତ୍ତବ୍ୟ ଓ ସେବା ତାଙ୍କୁ ମହାନ୍ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଭ୍ରାତା ଭିକ୍ତର ଦାସ ଏବଂ ପୁତ୍ର ଅଭିରାମ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଦୃଷ୍ଟିହୀନ କ୍ରିକେଟ ଖେଳାଳି ପାର୍ବତୀ ମାରାଣ୍ଡି ଓ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ପ୍ରତିଷ୍ଠାତା ଦିବାକର ସ'ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆଇନଜୀବୀ ସୂର୍ଯ୍ୟକାନ୍ତ କର ଧନ୍ୟବାଦ ଦେଇଥିଲେ।

# ବର୍ଷ ଆରମ୍ଭରୁ ଭାଜପା ପକ୍ଷରୁ ମିଶ୍ରଣ ପର୍ବ

## ମିଶିଲେ ସଂଖ୍ୟାଧିକ ବିଜେଡି କର୍ମୀ

ବାଲେଶ୍ୱର, ୨।୧(ବାଞ୍ଛାନିଧି ଦେ)



ନବାଗତଙ୍କ ଗହଣରେ ବିଧାୟକ ଓ ଜିଲା ସଭାପତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୁଆଁଳ ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି।

ଜେଲ୍ ରୋଡ୍ ସ୍ଥିତ ଭାଜପା ସଦର କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଓ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ନବାଗତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଜିଲା ଉପ–ସଭାପତି ଗୌରାଙ୍ଗ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ମିଶ୍ରଣ ପର୍ବରେ ବୁଆଁଳ ପଞ୍ଚାୟତର ବିଜେଡି ନେତା ରାଜକିଶୋର ମହାପାତ୍ରଙ୍କ ସମେତ ୱାର୍ଡସଭ୍ୟ ଉମାକାନ୍ତ ମହାଳିକ, ପୂର୍ବତନ ୱାର୍ଡସଭ୍ୟ ଲୋକନାଥ ସାହୁ ଓ ସୁକାନ୍ତି ସାହୁ, ୧ନଂ. ୱାର୍ଡ ବିଜେଡି ସଭାପତି ଉପେନ୍ଦ୍ର ସେଠୀ, ୧୦ନଂ. ୱାର୍ଡ ବିଜେଡି ସଭାପତି ସୁରେଶ ମହାନ୍ତି, ଅନନ୍ତ ସେଠୀ, ମଞ୍ଜୁଲତା ସେଠୀ, ବାବୁ ଜେନା, ମହାତ୍ମା ଜେନା, ମନୋରଞ୍ଜନ ସେଠୀ, କାବୁଲ ଜେନା, ସନିଆ ଜେନା, ଚନ୍ଦନ ଜେନା, ପ୍ରମୁଖ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ପର୍ଶୁରାମ ବେହେରା, ରବିନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ, ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ମଣ୍ଡଳ ସଭାପତି କାହ୍ନୁ ଚରଣ ମହାଳିକ, ବୁଆଁଳ ସରପଞ୍ଚ ଜିତେନ ଜେନା, ସମିତି ସଭ୍ୟ ମାୟାଧର ମହାଳିକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପଡିରାଜପୁର ମେଳା ପଡିଆରେ ବନ୍ଧୁ ମିଳନ ଓ ଦଧିନଉତି ସ୍ଥାପନ

ଖଇରା, ୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଐତିହାସିକ ପଡିରାଜପୁର ମେଳା ପଡିଆରେ ଠାକୁର ସେବକଙ୍କ ବନ୍ଧୁମିଳନ ଓ ରାଧାକୃଷ୍ଣ ମନ୍ଦିରର ଦଧିନଉତି ସ୍ଥାପନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେଳା କମିଟି ସଭାପତି ସମ୍ପଦ ଘଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ସମ୍ପାଦକ ଗୌରାଙ୍ଗ ପାଣି ମେଳାର ବୃଦ୍ଧି ନେଇ ମତାମତ ପ୍ରଦାନ କରିଥିଲେ। ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ ମନ୍ଦିର ସମ୍ପୂର୍ଣ୍ଣ ପାଇଁ ସମସ୍ତ ସଦସ୍ୟ ତଥା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଲୋଡ଼ିଥିଲେ। ପ୍ରଦୀପ କୁମାର ସାମଲ ଓ ଉଦ୍ଧବ ଘଡେଇ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦୁଝରର ଟିଙ୍କୁ ଚେଞ୍ଜର ୨୦୨୬ ଚାମ୍ପିୟନ

## ମା' ଶିରାଦେବୀ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଇରା, ୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳପଡିଆରେ ମା' ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୨୯ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେନ୍ଦୁଝରର ଟିଙ୍କୁ ଚେଞ୍ଜର ସୋରର ବ୍ଲେଣ୍ଡର ସ୍ତ୍ରାଇଡକୁ ୩୪ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିଙ୍କୁ ଚେଞ୍ଜର ୧୫ ଓଭରରେ ୭ ଉଇକେଟ ହରାଇ ୨୧୮ରନ ସଂଗ୍ରହ କରିଥିଲା। ଜବାବରେ ସୋର ୧୫ ଓଭରରେ ୬ ଉଇକେଟ ହରାଇ ମାତ୍ର ୧୮୪ ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଥିଲା। ତାପସ ମୁଦୁଲି ଓ ପ୍ରହ୍ଲାଦ ପୃଷ୍ଟି ମ୍ୟାଚ ପରିଚାଳନା କରିଥିଲେ। ଆସୋସିଏଶନ ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଯାତ୍ରା କଳାକାର ଗୌରହରି ଦାସ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦାମ ଚରଣ ରାଉତ, ପୂର୍ବତନ ଅଧ୍ୟକ୍ଷ କାଶୀନାଥ ମୁଦୁଲି, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଗଣ୍ଡିବେଡ ବଜାର କମିଟି ସମ୍ପାଦକ ଅଭିମନ୍ୟୁ ରାଉଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିୟନ ଟିଙ୍କୁ ଚେଞ୍ଜରକୁ ଟ୍ରଫି ସହ ୩୦ହଜାର ଓ ରନର୍ସ ଅପ ବ୍ଲେଣ୍ଡର ସ୍ତ୍ରାଇଡକୁ କପ୍ ସହ ୨୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରାକେଶ କୁଅଁରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଆକାଶ ମହାଳିକଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷଣା କରାଯାଇଥିଲା। ପ୍ରଭାସ ମୁଦୁଲି ଓ ରତ୍ନାକର ମୁଦୁଲି ସ୍କୋର ଦାୟିତ୍ୱ ଓ ହିମାଂଶୁ ନନ୍ଦ ଏବଂ ରତିକାନ୍ତ କଳାପାହାଡ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏଶନର ସମସ୍ତ ସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିଙ୍କୁ ଚେଞ୍ଜରର ସଦସ୍ୟ।

# ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଅନୁମୋଦନ

## ଏଫ୍‌ଏମ୍‌ୟୁରେ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ

ବାଲେଶ୍ୱର, ୨।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦଙ୍କ ୩୮୪ତମ ବୈଠକରେ ବିଶ୍ୱବିଦ୍ୟାଳୟକୁ ଦୁଇଟି ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। କଳା ସ୍ନାତକ ସହ ଶିକ୍ଷା ସ୍ନାତକ (ମାଧ୍ୟମିକ) ଗୋଟିଏ ଏକକ ପାଇଁ ୫୦ଟି ଆସନ, ବିଜ୍ଞାନ ସ୍ନାତକ ସହ ଶିକ୍ଷା ସ୍ନାତକ (ମାଧ୍ୟମିକ) ଗୋଟିଏ ଏକକ ପାଇଁ ୫୦ଟି ଆସନ ନିମନ୍ତେ ପାଠ୍ୟକ୍ରମ ଅନୁମୋଦନ ମିଳିଛି। ଜାତୀୟ ଶିକ୍ଷା ନୀତି–୨୦୨୦ ସହ ସମନ୍ୱୟ ରଖି ଏହି ୪ ବର୍ଷିଆ କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷାର ଗୁଣମାନ ବୃଦ୍ଧି ଓ ଭବିଷ୍ୟତ ଶିକ୍ଷା ଆବଶ୍ୟକତା ପୂରଣରେ ଏକ ପରିବର୍ତ୍ତନାତ୍ମକ ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି। ଅନୁମୋଦନ ପୂର୍ବରୁ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଏକ ବିଶେଷଜ୍ଞ ଦଳ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପହଞ୍ଚି ବିଭିନ୍ନ ଦିଗରୁ ମୂଲ୍ୟାୟନ କରିଥିଲେ। ଏହି ପାଠ୍ୟକ୍ରମଗୁଡ଼ିକ ବିଶ୍ୱବିଦ୍ୟାଳୟର ରେମୁଣାସ୍ଥିତ ପୁରୁଣା କ୍ୟାମ୍ପସ୍ ପରିସରରେ ଅବସ୍ଥିତ ଶିକ୍ଷା ବିଭାଗ ମାଧ୍ୟମରେ ପ୍ରଦାନ କରାଯିବ ଏବଂ ଆସନ୍ତା ୨୦୨୬–୨୭ ଶିକ୍ଷାବର୍ଷରୁ ଆରମ୍ଭ ହେବ।

ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ପ୍ରତି କୃତଜ୍ଞତା ଜଣାଇବା ସହ ଆବଶ୍ୟକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ପୂର୍ବରୁ ନିଯୁକ୍ତ ହୋଇଥିବାରୁ ପାଠ୍ୟ ଓ ପ୍ରଶାସନିକ କାର୍ଯ୍ୟ ସୂଚାରୁ ଭାବେ ସମ୍ପାଦନ ହୋଇପାରିବ ବୋଲି ଜଣାଇଛନ୍ତି। ଏଥିସହିତ ଆଡମିଶନ୍ ପ୍ରକ୍ରିୟା ଜାତୀୟ ପରୀକ୍ଷା ଏଜେନ୍ସି ମାଧ୍ୟମରେ ଅନଲାଇନ ପ୍ରଣାଳୀରେ ସମ୍ପନ୍ନ ହେବ। ଯୋଗ୍ୟତା ମାନଦଣ୍ଡ, ଆଡମିଶନ୍ ପ୍ରକ୍ରିୟା ଓ ଅନ୍ୟାନ୍ୟ ଆବଶ୍ୟକ ନିୟମାବଳୀ ସମ୍ପର୍କିତ ବିସ୍ତୃତ ସୂଚନା ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟର ନିଜସ୍ୱ ୱେବସାଇଟ୍ ଏବଂ ଗଣମାଧ୍ୟମରେ ପ୍ରକାଶିତ ହେବ ବୋଲି କୁହାଯାଇଛି।



ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ–୨।

# ୧୭୦୦ କି.ମି. ହେବ ଫାୟାର ଲାଇନ୍

## ବନାଗ୍ନି ରୋକିବାକୁ ଜିଲାସ୍ତରୀୟ କାର୍ଯ୍ୟ ଖସଡ଼ା

କେନ୍ଦୁଝର,୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡରେ ପ୍ରତ୍ୟେକ ବର୍ଷ ଅନେକ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ପୋଡ଼ି ନଷ୍ଟ ହେଉଛି। ଫଳରେ ବନ୍ୟପ୍ରାଣୀ, ପକ୍ଷୀ ନିଜର ଆଶ୍ରୟସ୍ଥଳ ହରାଉଛନ୍ତି। ଜଙ୍ଗଲରେ ନିଆଁ ରୋକିବା ପାଇଁ ଜିଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକ ଶୁକ୍ରବାର ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ଚଳିତ ବର୍ଷ ୧୭୦୦ କିଲୋମିଟର ଫାୟାର ଲାଇନ୍ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହେବା ସହ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ସମ୍ପର୍କରେ ଡିଏଫ୍‌ଓ ସୂଚନା ଦେଇଛନ୍ତି।

କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡିଙ୍କ ଅଧ୍ୟକ୍ଷତାରେ ବୈଠକରେ ଜଙ୍ଗଲ ନିଆଁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ନିଆଁ ଦାଉରୁ ଜଙ୍ଗଲ ସମ୍ପଦକୁ ସୁରକ୍ଷା ଦେବାକୁ ବନବିଭାଗ ବ୍ୟାପକ ସଚେତନତା କରୁଛି। ଏହାସତ୍ତ୍ୱେ ଜଙ୍ଗଲରେ ପୋଡୁଚାଷ, ମହୁଲ ଫୁଲ ସଂଗ୍ରହ, ବନ୍ୟପ୍ରାଣୀଙ୍କ ଶିକାର, ଜାଳେଣୀ କାଠ ସଂଗ୍ରହ ପାଇଁ ମନୁଷ୍ୟକୃତ ନିଆଁ ସୃଷ୍ଟି କରାଯାଉଛି। ୨୦୨୪ ଆର୍ଥିକ ବର୍ଷରେ ୭୬୯ଟି ସ୍ଥାନରେ, ୨୦୨୫ରେ ୭୨୮ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ କରାଯାଇ ତୁରନ୍ତ ନିଆଁ ଲିଭାଯାଇଥିଲା। ଗତ ବର୍ଷ ୩ଟି ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଥିଲା। ଗତ ବର୍ଷ ସର୍ବାଧିକ ଭୂୟାଁ ଜୁଆଙ୍ଗପିଢ଼ରେ ୨୯୯ଟି ସ୍ଥାନରେ, ପରେ ଚମ୍ପୁଆ ରେଞ୍ଜରେ ୧୭୧ଟି ସ୍ଥାନରେ ଚିହ୍ନ କରାଯାଇ ନିଆଁ ଲିଭା ଯାଇଥିଲା। ବିଗତ ୩ ବର୍ଷର ତଥ୍ୟ ଅନୁସାରେ ୧୭ ଟି ବିଟ୍ ଅଞ୍ଚଳ ଅଧିକ ସମ୍ବେଦନଶୀଳ, ୩୬ଟି ବିଟ୍ ଅଞ୍ଚଳ ମଧ୍ୟମ, ୫୨ଟି ବିଟ୍ ଅଞ୍ଚଳ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଜଙ୍ଗଲ ନିଆଁ ରୋକିବା ପାଇଁ ୧୨୦ ଜଣ ଫାୟାର ସ୍କ୍ୱାଡ ନିୟୋଜିତ କରାଯାଇଥିବା ବେଳେ ୧୭୭ଟି ଫାୟାର ବ୍ଲୋୟର ମହଜୁଦ ରଖାଯାଇଛି। ୧୨ଟି ଗାଡ଼ି ଦିଆଯାଇଛି। ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ଚଳିତ ବର୍ଷ ୧୭୦୦ କିଲୋମିଟର ଫାୟାର ଲାଇନ୍ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୮୦୦କିଲୋମିଟର କାମ ଶେଷ ହୋଇଗଲାଣି। କେନ୍ଦୁଝର ଡିଭିଜନରେ ଥିବା ୭୦୦ଟି ବନ ସୁରକ୍ଷା ସମିତିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଫାୟର ଲାଇନ ଜାନୁଆରୀ ମଧ୍ୟରେ ଶେଷ ହେବ। ଯେଉଁ ବନ ସୁରକ୍ଷା ସମିତି ଅଧୀନ ଜଙ୍ଗଲରେ ନିଆଁ ଲାଗିବ ନାହିଁ, ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ୪୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟରେ ସଚେତନ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜଙ୍ଗଲ ନିଆଁ ସମ୍ପର୍କିତ ସୂଚନା ଦେଲେ ସ୍ଥାନୀୟ ଲୋକଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବ। ନିଆଁ ଲିଭାଇବାବେଳେ ବନ କର୍ମଚାରୀ ଏବଂ ଫାୟାର ସ୍କ୍ୱାର୍ଡ କିପରି ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ଡିଏଫଓ ଗୁରୁତ୍ୱରୋପ କରିଥିଲେ। ଜଙ୍ଗଲ ଭିତରେ ଯେଉଁ ସ୍ଥାନରେ ଗାଡି ଯାଇପାରୁନାହିଁ ସେଠାରେ ୨ ଚକିଆ ଯାନ ପାଟ୍ରୋଲିଂ କରିବ। ବନାଗ୍ନି ରୋକିବାକୁ ଖସଡ଼ା ପ୍ରସ୍ତୁତ କରାଯାଇ ୟୁଥ କ୍ଲବ୍, ବନ ସୁରକ୍ଷା ସମିତି, ଗାଁ ମୁଖିଆ, ପାଣି ପଞ୍ଚାୟତ, ୱାର୍ଡ ମେମ୍ବର, ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଏବଂ ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ ଲୋଡ଼ାଯାଇଥିଲା। ବୈଠକରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫ୍‌ଓ ପ୍ରଶାନ୍ତ ପଣ୍ଡା, ଏସିଏଫ୍ ପ୍ରତୀକ ପ୍ରକାଶ ଇନ୍ଦୁଲକର, ଅଶୋକ ଦାସ, ଡ. ସୁଦିପ୍ତ ପଣ୍ଡାଙ୍କ ସମେତ ବହୁ ଅଧିକାରୀ, ପ୍ରେସ୍ କ୍ଲବ୍‌ର ସଭାପତି ଏବଂ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ମତାମତ ରଖିଥିଲେ।



ବୈଠକରେ ଉପସ୍ଥିତ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଓ ଅନ୍ୟମାନେ।


ଢେଙ୍କିକୋଟ୍ ବଜାରରେ ସନ୍ଧ୍ୟା ସମୟରେ ଛୋଟପିଲା ନିଆଁ ପୁଉଁଛନ୍ତି।

## ଅସ୍ତବ୍ୟସ୍ତ କରୁଛି କୋହଲା ପାଗ, ଘନ କୁହୁଡି

ଢେଙ୍କିକୋଟ,୨।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲାରେ ଗତ ୩ ଦିନ ହେଲା କୋହଲା ପାଗ ଓ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି। ଢେଙ୍କିକୋଟ୍ ଘନ କୁହୁଡ଼ି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରହୁଛି। ମୁହଁକୁମୁହଁ ଦେଖା ଯାଉ ନ ଥିବାରୁ ଗାଡ଼ି ଚଳାଚଳ ବ୍ୟାହତ ଘଟୁଛି। କୋହଲା ପାଗରେ ଲୋକେ ଘରୁ ବାହାରି ପାରୁନାହାନ୍ତି। ଶୀତର ପ୍ରକୋପ ବଢ଼ି ଯାଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସନ୍ଧ୍ୟା ହେଲେ ସ୍କୁଲ ପିଲାମାନେ ନିଆଁ ପୁଉଁଥିବା ଦେଖିବାକୁ ମିଳିଛି। ତେବେ ମାତ୍ରାଧିକ ଥଣ୍ଡା, ଘନ କୁହୁଡି ସାଙ୍ଗକୁ କୋହଲା ପାଗ ଜନସାଧାରଣଙ୍କ ସ୍ୱାସ୍ଥ୍ୟହାନୀ ଘଟାଇବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



## କେନ୍ଦୁଝର କ୍ରୀଡ଼ାବିତ୍ ଜିତିଲେ ୩୧ ପଦକ

### ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

କେନ୍ଦୁଝର,୨।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କଟକ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ କେନ୍ଦୁଝର ଜିଲାର ଖେଳାଳିମାନେ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଛନ୍ତି। ଖେଳାଳିମାନେ ୯ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ୧୧ଟି କାଂସ୍ୟ ମୋଟ ୩୧ ପଦକ ହାସଲ କରି ଜିଲାକୁ ଗୌରାବାନ୍ୱିତ କରିଛନ୍ତି। କେନ୍ଦୁଝର ଜିଲା କ୍ରୀଡାସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ସୂଚନା ଦେଇଥିଲେ। ଦଳରେ ଶୃଙ୍ଖଳା ରକ୍ଷା ପାଇଁ ସପ୍ତପୁରି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁଶୀଲ ନାୟକ ମ୍ୟାନେଜର ଭାବେ ଯୋଗଦେଇଥିଲେ। କେନ୍ଦୁଝର କ୍ରୀଡ଼ା ଛାତ୍ରାବାସର ରାଜେନ୍ଦ୍ର ପ୍ରସାଦ ଏବଂ ରଜନୀବାଳା ମୁଣ୍ଡା କୋଚ୍ ଭାବେ କଟକ ଯାତ୍ରା କରିଥିଲେ। ୧୬ ବର୍ଷରୁ କମ ଏବଂ ୧୮ ବର୍ଷରୁ କମ ବାଳକ ବିଭାଗରେ କେନ୍ଦୁଝର ଜିଲା ଦଳଗତ ଚାମ୍ପିୟନ ହୋଇ ୨ ଦଳ ନଗଦ ୨୦ ହଜାର ଟଙ୍କା ପୁରସ୍କାର ଲାଭ କରିଛି। ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ନୂତନ ବର୍ଷର ପ୍ରାରମ୍ଭରେ ଏହି ଅଭୁତପୂର୍ବ ସଫଳତା ପାଇଁ କେନ୍ଦୁଝର ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଲେ। ଖୁବ୍‌ଶୀଘ୍ର ଏହି ଚାମ୍ପିୟନ ଦଳ ପାଇଁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରକାଶ କରିଛନ୍ତି।



ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇଥିବା କ୍ରୀଡ଼ାବିତ୍‌ମାନେ।

## ନିଆଁରେ ଚାଲିଲେ ମାନସିକଧାରୀ


କାଳିଶିମାନେ ନିଆଁରେ ଚାଲୁଛନ୍ତି।

ପାଟଣା,୨।୧(ବୀର କିଶୋର ଦାଶ)

**ସୁନାମୁଖୀ ଠାକୁରାଣୀ ଓଷା**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାମନାଏକ ସାହିର ପ୍ରସିଦ୍ଧ ବାର୍ଷିକ ସୁନାମୁଖୀ ଠାକୁରାଣୀ ଓଷା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଓଷାରେ ମାନସିକଧାରୀ କାଳିଶିମାନେ ବିଭିନ୍ନ ଅଲୌକିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କଣ୍ଟା କଠଉ ପିନ୍ଧି ଚାଲିବା, କଣ୍ଟା ପିଢ଼ାରେ ବସିବା, ଚାବୁକ ପ୍ରହାର ଖାଇବା ସହ ୩ଟି ରଡ଼ ନିଆଁ କୁଣ୍ଡରେ ଚାଲିଥିଲେ। ଅଲୌକିକ କ୍ରୀଡ଼ା ଦେଖିବାକୁ ଆଖପାଖ ଅଞ୍ଚଳର ଅନେକ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଦେହୁରୀ ଭାବେ ରାମ ନାଏକ ପୂଜା ଅର୍ଚ୍ଚନା କରିଥିବା ବେଳେ ଗାହାଣୀଭାବେ ରାଜନ ପଲେଇଙ୍କ ସହ ମିଳାଇ ଗାଁର ଯୁବତୀ ଠାକୁରାଣୀ ଗୀତ ବୋଲିଥିଲେ। ଠାକୁରାଣୀଙ୍କ ପୀଠରେ ବୋଦା ଓ କୁକୁଡ଼ା ବଳି ପଡ଼ିଥିଲା। ପଣା, ଉଖୁଡା ମୁଆଁ, ନଡ଼ିଆ ଓ କଦଳୀ ଭୋଗ ଲାଗିଥିଲା। ଅଗ୍ନି କୁଆଁରୀ (ମୁଖ୍ୟ କାଳିସୀ) ବିଚିତ୍ର ନାଏକ, ଦିନବନ୍ଧୁ ନାଏକ, କନ୍ଦର୍ପ ନାଏକ, ଫକିର ନାଏକ, କୁଲ୍ହିଆ ନାଏକ, ଝୁଗୁଡୁ ନାଏକ, ଶିବ ନାଏକ, ଦେଶୁଆ ନାଏକ, ରଙ୍ଗା ନାଏକ, ଟୁରୁ ନାଏକ, ନବ ନାଏକ, ସେହେଂସା ନାଏକ, ଅଶୋକ ନାଏକ, ଫୁନ୍ଟୁ ନାଏକଙ୍କ ସହ ଅନେକ କାଳିଶି ସାମିଲ ହୋଇଥିଲେ। ବଡ଼ ପାଟଣା ସରପଞ୍ଚ ବିନତୀ ବାନାରା, ଓଡ଼ିଶା ସାଉଁତି ସମାଜର ସଭାପତି ଗୌରହରି ନାଏକ, ସମ୍ପାଦକ ଭାଗବତ ନାଏକ, ଜିଲା ସଭାପତି ନାକ ଫୋଡ଼ି ନାଏକ, ଜିଲା ସମ୍ପାଦକ ରାଜେନ୍ଦ୍ର ନାଏକ, ରାଜ୍ୟ ଓ ଜିଲା କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ। ଗାଁ ମୁରବୀ କ୍ଷେତ୍ରବାସୀ ନାଏକ, ନିରଞ୍ଜନ ନାଏକ, ରାଜେନ୍ଦ୍ର ନାଏକ, କୈଳାସ ନାଏକ, ଦାମୋଦର, ରାହାସ ନାଏକ, ବୈଶାଖ ନାଏକ, ଟାଙ୍କୁ ନାଏକ ପ୍ରମୁଖ ସହଯୋଗ କରିଥିଲେ। ୭ ଦିନ ବ୍ୟାପୀ ଚାଲିଥିବା ଓଷା ଉଦ୍‌ଯାପିତ ପରେ ଠାକୁରାଣୀଙ୍କୁ ଗାଁ ନାଳରେ ବିସର୍ଜନ କରିଥିଲେ।

## ସାଇଁକୁଳ, ବାତୋରେ ଖୋଲିଲା ଧାନମଣ୍ଡି

ଆନନ୍ଦପୁର,୨।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶୁକ୍ରବାର ଖଲଣା ସମବାୟ ସମିତି ଅଧୀନରେ ସାଇଁକୁଳଠାରେ ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ସମିତି ସମ୍ପାଦକ ବଳରାମ ସେଠୀଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସାଇଁକୁଳ ଶାଖା ପରିଚାଳକ ସ୍ୱୟଂ ସିଦ୍ଧସିଦ୍ଧାନ୍ତ, ସମବାୟ ସଭାପତି ବିଭାସଚନ୍ଦ୍ର ନାୟକ, ପୂର୍ବତନ ସଭାପତି ନନ୍ଦକିଶୋର ବେହେରା, କୋର କମିଟି ସଦସ୍ୟ ଅର୍ଜୁନ କର, ମାୟାଧର ପଣ୍ଡା, ଗୋପିନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାତୋ ସମବାୟ ସମିତିରେ ମଧ୍ୟ ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ଚାଷୀଙ୍କ ପାଇଁ ଏକ ସମନ୍ୱିତ ଗୋଷ୍ଠୀକେନ୍ଦ୍ରକୁ ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି। ସମିତି ସଭାପତି ସୁରେନ୍ଦ୍ର ପାଗଳ, ଉପସଭାପତି କାଞ୍ଚନ ପାଗଳ, ସମ୍ପାଦକ ଭଗବାନ ବରାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ଦାଶ, ତରଣୀ ସେନ ବରାଳ, ସାଇଁକୁଳ କେନ୍ଦ୍ର ସମବୟ ପ୍ରବନ୍ଧକ ସୟଂ ସିଦ୍ଧ ସିଦ୍ଧାନ୍ତ ସମେତ ସମସ୍ତ ନିର୍ଦ୍ଦେଶକ, କର୍ମଚାରୀଙ୍କ ସମେତ ଶତାଧିକ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଧାନମଣ୍ଡି ଶୁଭାରମ୍ଭ କରାଯାଇଥିଲେ ମଧ୍ଯ ମିଲର ଧାନ କିଣିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଏବହ ଅନେକ ଚାଷୀ ଟୋକନ ପାଇ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଚାଷୀ କିପରୀ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଧାନ ବିକ୍ରୟ କରି ପାରିବେ ସେଥିପ୍ରତି ଅଧିକ ସଜାଗ ରହିବାକୁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।


ମଣ୍ଡି ଶୁଭାରମ୍ଭ ଅବସରରେ ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ଅନ୍ୟମାନେ।

## ଆନନ୍ଦପୁର ସବ୍‌ପୋଷ୍ଟ ଅଫିସରେ ନୂତନ ଇନ୍ସପେକ୍ଟରଙ୍କ ଯୋଗଦାନ

ବାଞ୍ଛୋ,୨।୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ସବ୍ ପୋଷ୍ଟ ଅଫିସରରେ କୁମାର ପ୍ରସାଦ ଜେନା ଇନ୍ସପେକ୍ଟର ଭାବେ ଯୋଗଦାନ କରିଛନ୍ତି। ଓଭରସିଅର ଖିରୋଦ ପାତ୍ର, ସନ୍ମୟ ସେଠୀଙ୍କ ସହିତ ପୋଷ୍ଟାଲ କର୍ମଚାରୀ ପ୍ରତ୍ୟୁଷ ବିଶ୍ୱାଳ, ସୁଶିଲ ଦାସ, ବିକ୍ରମ ବାରିକ, ଆକାଶ ଜେନା, ସୁଧାଂଶୁ ଓଝା, ରୀନା ପାଲେଇ ଓ ରଶ୍ମିତା ସାହୁ ନବନିଯୁକ୍ତ ଇନ୍ସପେକ୍ଟରଙ୍କୁ ସ୍ୱାଗତ କରିଥିଲେ।

## ସଢ଼ା, ସମଣା ସମବାୟ ସମିତିରେ ଧାନମଣ୍ଡି ଖୋଲିଲା



ବଡଲା,୨।୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ସଢ଼ା ଓ ସମଣା ସମବାୟ ସମିତିରେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ସଢ଼ା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନ କିଣା ଯାଇଥିବା ଜଣାପଡ଼ିଛି। ସଭାପତି ଅଲେଖ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ରଞ୍ଜିତା ଜେନା, କମିଟିର ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି ସମଣା ସମବାୟ ସମିତି ଧାନମଣ୍ଡିର ଶୁଭାରମ୍ଭ ସମୟରେ ସମିତିର ସଦସ୍ୟ ଓ ବହୁ ଚାଷୀ ଉପସ୍ଥିତ ଥିଲେ।

## ଗଛରେ ଧକ୍କା ଦେଇ ବାଇକ ଚାଳକ ମୃତ

ଢେଙ୍କିକୋଟ,୨।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ତୋରାଣୀପୋଖରୀ ପଞ୍ଚାୟତ ଖୁଦପୁଟୁଳି ଗ୍ରାମରେ ଗଛରେ ଧକ୍କା ଦେଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋଡ଼ାଡ଼ିହା ଗ୍ରାମର ଟୁନା ମୁଣ୍ଡାଙ୍କ ପୁଅ ଚନ୍ଦନ ମୁଣ୍ଡା(୧୯)। ସେ ବାଇକ ଯୋଗେ ଖୁଦପୁଟୁଳି ଗ୍ରାମକୁ ଯାଉଥିଲେ। ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଶାଳ ଗଛରେ ବାଇକ୍ ଧକ୍କା ଦେଇଥିଲେ। ଟୁନାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ କ୍ଷୀରୋଦିନୀ ନିଆଳ ସଦଳବଳେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଡାକ୍ତରଖାନା ପଠାଇଥିଲେ। ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରହିଥିବା ଏଏସ୍‌ଆଇ କ୍ଷୀରୋଦିନୀ ନିଆଳ କହିଛନ୍ତି।

## ବଣଭୋଜିସ୍ଥଳରେ ବଢୁଛି ପ୍ରଦୂଷଣ

ଚମ୍ପୁଆ,୨।୧(ମହେଶ୍ୱର ଦାସ)

ନବବର୍ଷ ନିମନ୍ତେ ବଣଭୋଜି ବର୍ତ୍ତମାନ ମଣିଷ ସମାଜ ପାଇଁ ଏକ ଅଭ୍ୟାସଗତ ପରମ୍ପରା ପାଲଟିଯାଇଛି। ଡିସେମ୍ବର ୨୫ରୁ ଆରମ୍ଭ କରି ଜାନୁଆରୀ ମାସ ତମାମ ବଣଭୋଜି ଜାରି ରହିଥାଏ। ଏ ନେଇ ପର୍ଯ୍ୟଟନସ୍ଥଳ, ନଦୀତଟ, ଜଙ୍ଗଲ ପାହାଡ଼ ଘେରା ମନୋରମ ସ୍ଥାନରେ ଭିଡ଼ ଜମୁଛି। ମାତ୍ର ସଚେତନତା ଅଭାବରୁ ପରିବେଶପ୍ରତି ଧ୍ୟାନ ଦିଆଯାଉନାହିଁ। ଫଳରେ ବଣଭୋଜିସ୍ଥଳରେ ମାଲମାଲ ପ୍ଲାଷ୍ଟିକ ଗ୍ଲାସଠାରୁ ଆରମ୍ଭ କରି ଥର୍ମକୋଲର ଥାଳି ପଡ଼ି ପରିବେଶ ପ୍ରଦୂଷଣର ମାଧ୍ୟମ ପାଲଟିଛି।

ବିଶେଷ ଭାବରେ, ଚମ୍ପୁଆ ସଦର ମହକୁମାର ରାମତିର୍ଥ, କେଶରିକୁଣ୍ଡ, ମିରିଗିସିଙ୍ଗା, ଦୋମୁହାଁଣି ସମେତ ବ୍ଲକ୍‌ର ବହୁ ସ୍ଥାନରେ ଡିସେମ୍ବର ୨୫ରୁ ବଣଭୋଜି କରାଯାଉଛି। ସହଜ ଓ ସୁବିଧା ପାଇଁ ବଣଭୋଜି କରୁଥିବା ଲୋକେ ନିର୍ଭୟରେ ବେଆଇନ ପ୍ଲାଷ୍ଟିକ ବ୍ୟବହାର କରିଚାଲିଛନ୍ତି। ସରକାର ପ୍ଲାଷ୍ଟିକ ଓ ଥର୍ମକୋଲ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ ବି ଏହାର ବ୍ୟବହାର ଓ ବିକ୍ରି କମିବା ବଦଳରେ ବଢ଼ିବାରେ ଲାଗିଛି। ନାମକୁ ମାତ୍ର ଚଢ଼ାଉକରି ପ୍ରଶାସନ କିଛି ଅର୍ଥ ଜରିମାନା କରି ଚୁପ୍‌ଚାପ୍ ବସିଯାଉଛି। ଚଢାଉର ଦିନକ ପରେ ବଜାରରେ ଯଥାପର ତଥା ପୂର୍ବ ପରିସ୍ଥିତି ଦେଖିବାକୁ ମିଳୁଛି। ଏବେ ନଦୀକୂଳ ବଣଭୋଜି ସ୍ଥାନରେ କୁଢ଼କୁଢ ପ୍ଲାଷ୍ଟିକ ଓ ଥର୍ମକୋଲ ପଡ଼ି ରହିଛି। ପରିବେଶ ପ୍ରଦୂଷଣ ହେବା ସହ ନଦୀଜଳରେ ମିଶି ଦୂଷିତ କରିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।



## ଟ୍ରାଫିକ୍ ସମସ୍ୟାରେ ହନ୍ତସନ୍ତ ଅଞ୍ଚଳବାସୀ

### ସହରକୁ ଫ୍ଲାଏ ଓଭର ସଂଯୋଗ ଅସମ୍ପୂର୍ଣ୍ଣ

ଯୋଡ଼ା,୨।୧(ମାନସ ମହାନ୍ତି)



ବିପର୍ଯ୍ୟସ୍ତ ରାସ୍ତା

କେନ୍ଦୁଝର ଜିଲା ଯୋଡ଼ା ସହରକୁ ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ପାଇଁ ଫ୍ଲାଏ ଓଭର ନିର୍ମାଣ କରାଗଲା। ମାତ୍ର ଫ୍ଲାଏ ଓଭର ସହରକୁ ସଂଯୋଗ ଅସମ୍ପୂର୍ଣ୍ଣ ରହିଥିବାରୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ବାଂଶପାଣି ଓ କମାରଯୋଡ଼ା ବାସିନ୍ଦା ଟ୍ରାଫିକ ଓ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକେ ପ୍ରତିଦିନ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ସହର ମଧ ଦେଇ ଯୋଡ଼ାରୁ ବାମେବାରି ରାଜ୍ୟ ରାଜପଥ ଯାଇଛି। ରାସ୍ତାରେ ପ୍ରତିଦିନ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯୋଡ଼ା ସହରରେ ଫ୍ଲାଏ ଓଭର ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଦାବି ମୁତାବକ ଫ୍ଲାଏ ଓଭର ହୋଇଥିଲେ ହେଁ ସହରର ସମ୍ପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ ହୋଇପାରିନାହିଁ। ଜିଲା ଖଣିଜ ପାଣ୍ଠି ଅନୁଦାନରେ ରାଜ୍ୟ ରାଜପଥର ବନେଇକଳା ବସ୍ତିଠାରୁ କମାରଯୋଡ଼ା ବସ୍ତି ଆରମ୍ଭ ପ୍ରାୟ ୩ କି.ମି. ଫ୍ଲାଏ ଓଭର ନିର୍ମାଣ କରାଯାଇଛି। କମାରଯୋଡ଼ାରୁ ବାଂଶପାଣି ପର୍ଯ୍ୟନ୍ତ ଏବଂ ବନେଇକଳା ବସ୍ତିର ଉପର ହୁଡ଼ିସାହିରୁ ରଣାଶାଳ ପର୍ଯ୍ୟନ୍ତ ଫ୍ଲାଏ ଓଭର ସଂଯୋଗ କରାଯାଇନାହିଁ। ବାଂଶପାଣିଠାରେ ଏକ ରେଳ ସାଇଡିଂ ଥିବାରୁ ଏଠାକୁ ପ୍ରତିଦିନ ଅନେକ ଶହ ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ୍ ଯାତାୟାତ କରୁଛି। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ସହ ପ୍ରବଳ ଧୂଳି ଉଡ଼ି ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଛି। ରାସ୍ତାଟି ରଣାଶାଳଠାରେ ୫୨୦ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ଏଥିସହ ଫ୍ଲାଏ ଓଭର ଶେଷ ହୋଇଥିବା କମାରଯୋଡ଼ାଠାରୁ ସର୍ଭିସ ରୋଡ୍ ନ ଥିବାରୁ ବିପଦପୂର୍ଣ୍ଣ ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି। ଆମ୍ବୁଲାନ୍ସ, ସ୍କୁଲବସ୍ ସହ ଅତ୍ୟାବଶ୍ୟକ ଯାନବାହନ ଟ୍ରାଫିକ୍ ଜାମ୍‌ରେ ଫସି ରହୁଛି। ଯୋଡ଼ାରେ ଫ୍ଲାଏ ଓଭର ନିର୍ମାଣ ହୋଇ ବି ଏହାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି କମାରଯୋଡ଼ା ଓ ବାଂଶପାଣି ଅଞ୍ଚଳର ପ୍ରଦୀପ ମହାକୁଡ, ଅମର ମହାନ୍ତିଙ୍କ ସମେତ ବହୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଫ୍ଲାଏ ଓଭର ନିର୍ମାଣ ପୂର୍ବରୁ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଫ୍ଲାଏ ଓଭର ନିର୍ମାଣ ରଣାଶାଳଠାରୁ ବାଂଶପାଣି ପର୍ଯ୍ୟନ୍ତ ପ୍ରାୟ ୪.୫ କି.ମି. ଫ୍ଲାଏ ଓଭର ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ମାତ୍ର ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ସହରର ଉକ୍ତ ସ୍ଥାନକୁ ସମ୍ପୂର୍ଣ୍ଣ ସଂଯୋଗ କରାଗଲାନାହିଁ। ଫଳରେ ଟ୍ରାଫିକ୍ ସମସ୍ୟା ସବୁବେଳେ ଲାଗି ରହୁଛି। ରାଜ୍ୟ ସରକାର ପୁନର୍ବିଚାରକରି ଫ୍ଲାଏ ଓଭର ନିର୍ମାଣ ସମ୍ପ୍ରସାରଣ କରିବାକୁ ଦାବି କରିଛନ୍ତି।

